ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୧୯ ନଭେମ୍ବର, ୨୦୨୧



## ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ଗୋଷାଣୀ: ଗୁରାଣ୍ଡି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସୁଧା ଶବର। ମାମଲା ନଂ. ୭୭/୨୧ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ସୁଧା ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ଯୁବତୀ ଗର୍ଭବତୀ ହୋଇଥିବା ଜାଣିବା ପରେ ବିବାହ କରିବାକୁ ସୁଧାଙ୍କୁ ବାଧ କରିଥିଲେ। ସୁଧା ଏଥିରେ ରାଜି ହୋଇ ନ ଥିଲେ। ତେଣୁ ବାଧହୋଇ ଯୁବତୀ ଗୁରାଣ୍ଡି ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଯୁବତୀ ଜଣକ ଉପଯୁକ୍ତ ନ୍ୟାୟ ଦାବି କରିଛନ୍ତି।

# ଘୁମୁସର ବନଖଣ୍ଡରେ ବଢୁଛି ଶିକାର

## ବନ୍ଧୁକ ଜବତ, ଯୁବକ ଗିରଫ

ଭଞ୍ଜନଗର,୧୮।୧୧(ଡି.ଏନ.ଏ)

ଭଞ୍ଜନଗର ଘୁମୁସର ଉତ୍ତର ଏବଂ ଦକ୍ଷିଣ ବନଖଣ୍ଡରେ ଗତ କିଛିମାସ ହେବ ବନ୍ୟପ୍ରାଣୀ ଶିକାର ବଢ଼ିବାରେ ଲାଗିଛି। ଶିକାରୀମାନେ ବିଦ୍ୟୁତ୍ ହୁକିଂରେ ଏବଂ ବନ୍ଧୁକ ସହାୟତାରେ ଶିକାର କରୁଛନ୍ତି। ବିଦ୍ୟୁତ୍ ଏବଂ ବନ ବିଭାଗ କର୍ମଚାରୀମାନେ ଠିକ୍ ପାଟ୍ରୋଲିଂ କରୁନାହାନ୍ତି । ନିର୍ଦ୍ଦିଷ୍ଟ କେତେଜଣ କର୍ମଚାରୀ ଅଧିକାଂଶ ସମୟ କର୍ମକ୍ଷେତ୍ରରେ ରହୁନାହାନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କଡ଼ା ପଦକ୍ଷେପ ନେଉ ନ ଥିବା ଯୋଗୁ ଜଙ୍ଗଲ ସୁରକ୍ଷା ହୋଇପାରୁନି। ଶିକାର ବୃଦ୍ଧି ଯୋଗୁ ଏହି ଦୁଇ ବନଖଣ୍ଡରେ ଅନେକ ବନ୍ୟପ୍ରାଣୀ ଓ ପକ୍ଷୀ ମଧ୍ୟ ଲୁପ୍ତ ହେବାକୁ ବସିଲେଣି।

ମଙ୍ଗଳବାର ବିଳମ୍ବିତ ରାତିରେ ତାରସିଂ ଥାନା ଅନ୍ତର୍ଗତ ଡଙ୍ଗାଭୂମିର ମୋହନ ପ୍ରଧାନ ଏକ ଦେଶୀ ବନ୍ଧୁକ ଧରି ଜଙ୍ଗଲ ଅଭିମୁଖେ ଶିକାର କରିବାକୁ ଯାଉଥିଲେ। ସେ ସମୟରେ ପାଟ୍ରୋଲିଂ କରୁଥିବା ତାରସିଂ ପୋଲିସ ତାଙ୍କୁ କାବୁ କରିଥିଲା। ଏନେଇ ଥାନାରେ ନଂ.୩୦୯/୨୧ରେ ମାମଲା ରୁଜୁ ହୋଇଛି। ମୋହନଙ୍କୁ ବୁଧବାର ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି । ସେହିଭଳି ଗତ ୧୧ ତାରିଖ ରାତିରେ ଦକ୍ଷିଣ ଘୁମୁସର ବନଖଣ୍ଡ ବୁଗୁଡ଼ା ରେଞ୍ଜ କାଦପଡ଼ା ନିକଟରେ ଶିକାର ପାଇଁ ବିଛା ହୋଇଥିବା ବିଦ୍ୟୁତ୍ ତାର ଲାଗି ଚାଷୀ ସୁରେନ୍ଦ୍ର ସେଠୀ ଗୁରୁତର ଆହତ ହୋଇଥିଲେ । ଏଥିସହ ଉତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜ ବାରଦଣ୍ଡା ଗ୍ରାମରେ ଗତ ୧୪ ତାରିଖରେ ଶିକାରୀ ମାନଙ୍କ ଦ୍ୱାରା ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ସୁଦାମ ଗୌଡ଼ ଆହତ ହୋଇଥିଲେ । ବିଦ୍ୟୁତ୍ ତାରରେ ଲାଗି ଗୋଟିଏ ଗାଈର ମୃତ୍ୟୁ ହୋଇଥିଲା। ଗାଈ ମାଲିକ ପ୍ରତାପ ଗୌଡ଼ ବନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗ ପାଖରେ କ୍ଷତିପୂରଣ ଦାବି କରିଛନ୍ତି । ଅପରପକ୍ଷେ ଜଙ୍ଗଲ ଓ ବିଦ୍ୟୁତ୍ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ପାଟ୍ରୋଲିଂ କରିବା ପାଇଁ ବୈଠକରେ ନିଷ୍ପତ୍ତି ହେଉଛି। ହେଲେ ଏହି ଦୁଇ ବନଖଣ୍ଡରେ ଠିକ୍ କାର୍ଯ୍ୟକାରୀ ହେଲାଭଳି ମନେ ହେଉନାହିଁ। ଡିଏଫଓ ଅଭୟ କୁମାର ଦଳେଇଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି, କର୍ମଚାରୀମାନେ ନିୟମିତ ଜଙ୍ଗଲରେ ପାଟ୍ରୋଲିଂ କରୁଛନ୍ତି। ପାଟ୍ରୋଲିଂ ସମୟରେ କର୍ମଚାରୀମାନଙ୍କ ଜିପିଏସ୍ ରିଡ଼ିଂ ମାଧ୍ୟମରେ ଫଟୋ ନିଆଯାଉଛି । ବିଦ୍ୟୁତ୍ ବିଭାଗ ପାଖରେ କର୍ମଚାରୀ ଅଭାବ ଯୋଗୁ ମିଳିତ ପାଟ୍ରୋଲିଂରେ ସେମାନେ ସହଯୋଗ କରିପାରୁନାହାନ୍ତି । ତଥାପି ବିଦ୍ୟୁତ୍ ବିଭାଗକୁ ଜଣେ କର୍ମଚାରୀଙ୍କୁ ପାଟ୍ରୋଲିଂରେ ଦେବାକୁ ମଙ୍ଗଳବାର ଅନୁଷ୍ଠିତ ସମନ୍ୱୟ ବୈଠକରେ ପ୍ରସ୍ତାବ ଦିଆଯାଇଛି । ତାରସିଂ ଥାନା ଅଧିକାରୀ ପି.କେ.ଦାସ କହିଛନ୍ତି, ବାରଦଣ୍ଡା ଘଟଣା ସମ୍ପର୍କରେ ଏକ ଷ୍ଟେସନ ଡ଼ାଇରୀ କରାଯାଇଛି । ସନ୍ଦିଗ୍ଧ ଅଭିଯୁକ୍ତମାନଙ୍କ ଗତିବିଧି ଉପରେ ନଜର ରଖା ଯାଇଛି । ଆଗାମୀ ଦିନରେ ଆବଶ୍ୟକ ପଦକ୍ଷେପ ନିଆଯିବ ।

## ସଂକ୍ଷେପରେ

### ୯୨ କେଜି ଗଞ୍ଜେଇ ଜବତ

ଆର.ଉଦୟଗିରି,୧୮।୧୧(ଡି.ଏନ.ଏ.)ମୋହନା ଥାନା ପୋଲିସ ପକ୍ଷରୁ ତଲାସୀସିଂଠାରେ ଏକ ବୋଲେରୋକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୯୨ କେଜି ଗଞ୍ଜେଇ ଜବତ କରାଯାଇଛି। ଗାଡ଼ିଟି ଚନ୍ଦ୍ରଗିରି ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଏହି ଘଟଣାରେ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ମୋହନା ଥାନାରେ ନଂ.୨୨୨/୨୧ରେ ମାମଲା ରୁଜୁ କରାଯାଇଛି।

### ସ୍ୱଚ୍ଛତା କାର୍ଯ୍ୟକ୍ରମ



ଆସିକା,୧୮।୧୧(ଡି.ଏନ.ଏ.)-ଆସିକା ବ୍ଲକ ନିମିନା ପଞ୍ଚାୟତ ନିମିନା ଗ୍ରାମରେ ଗୁରୁବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକଙ୍କ ତତ୍ତ୍ୱାବଧାନରେ ନିମିନା ଗ୍ରାମର ଯୁବ ଗୋଷ୍ଠୀ ଗ୍ରାମ ରାସ୍ତାକଡରୁ ଲଟାବୁଦା ସଫେଇ କରିବା ସହ ପ୍ରାଥମିକ ବିଦ୍ୟାଳୟ ପରିସର ସଫେଇ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବିଦ୍ୟାଧର ବିଷୋୟୀ, ସୁଶାନ୍ତ ଜେନା, ରାମ ବିଷୋୟୀ, ଦୀପକ ବିଷୋୟୀ, ମହେନ୍ଦ୍ର ବିଷୋୟୀ, ଜଗା ଡାକୁଆ, କାଳୁ ନାହାକ, ସ୍ୱପ୍ନେଶ୍ୱର ବିଷୋୟୀ, ପଞ୍ଚୁ ମହାରଣାଙ୍କ ସମେତ ବହୁ ଯୁବକ ସାମିଲ ଥିଲେ ।

### ବିଦ୍ୟୁତ୍ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ତାଲିମ

ଚିକିଟି,୧୮।୧୧(ଡି.ଏନ.ଏ.) ଚିକିଟିପେଣ୍ଠ ସ୍ଥିତ ଅନ୍ନପୂର୍ଣ୍ଣା ଭବନ ପରିସରରେ ଗୁରୁବାର ଚିକିଟି ବିଦ୍ୟୁତ ଉପଖଣ୍ଡ ତରଫରୁ ସମସ୍ତ କର୍ମଚାରୀମାନଙ୍କୁ ସୁରକ୍ଷା ସମ୍ପର୍କିତ ତାଲିମ ଦିଆଯାଇଛି। ଟାଟା ପାୱାର ଦକ୍ଷିଣ ଓଡିଶା ବିତରକ ଏବଂ ପରିବର୍ତ୍ତନ କନସୁଲଟାନ୍ସ ଉଦ୍ୟମରେ ଆୟୋଜିତ ଏହି ଶିବିରରେ ବିଦ୍ୟୁତ୍ କର୍ମଚାରୀମାନେ ନିଜେ ସୁରକ୍ଷିତ ରହିବା ସହିତ ବୈଦ୍ୟୁତିକ ଉପକରଣକୁ କିପରି ସୁରକ୍ଷିତ ରଖିବେ ସେ ନେଇ ତାଲିମ ନେଇଥିଲେ। ସମ୍ବଲ ତାଲିମଦାତା ଭାବେ ପ୍ରଶିକ୍ଷକ ପରେଶ ପ୍ରସାଦ ମହାପାତ୍ର ଯୋଗଦେଇ ଚିକିଟି, ପାତ୍ରପୁର, ନୂଆପଡା ଓ ସୁରଙ୍ଗୀ ସେକ୍ସନର ୪୪ ଲାଇନ୍ମ୍ୟାନ ଓ ହେଲପରଙ୍କୁ ତାଲିମ ଦେଇଥିଲେ। ଉପଖଣ୍ଡ ବିଦ୍ୟୁତ ଅଧିକାରୀ ଚିତ୍ତରଂଜନ ମଲିକ, ସହକାରୀ ଯନ୍ତ୍ରୀ ଦେବଦୁର୍ଲଭ ଦାସ, ଦୀପକ କୁମାର ବଳିଆରସିଂ ଏବଂ ରାଜେଶ କୁମାର ପାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଫୁଲବାଣୀ ମ୍ୟୁନିସିପାଲିଟି ୧୩୫ ପ୍ରକଳ୍ପ ମଞ୍ଜୁର ଲାଗି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଫୁଲବାଣୀ ଅଫିସ, ୧୮।୧୧-ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ସହରାଞ୍ଚଳରେ ବାକି ରହିଥିବା ଉନ୍ନୟନମୂଳକ କାମ ଉପରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲା ପ୍ରଶାସନ ତଥା ପୌର ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ଆଲୋଚନା କରଛନ୍ତି। ଫୁଲବାଣୀ ବିଧାୟକ ଫୁଲବାଣୀ ମ୍ୟୁନିସିପାଲିଟି ପାଇଁ ୧୩୫ଟି ପ୍ରକଳ୍ପ ଲାଗି ୯.୬୦ କୋଟି ଟଙ୍କାର ପ୍ରସ୍ତାବ ଦେଇଥିଲେ । ଏହି ସବୁ ପ୍ରକଳ୍ପ ମଧରେ ଗୋଟିଏ ମିନି ପାର୍କ, ୬ଟି ବ୍ୟାୟାମଶାଳା, ୪ଟି ଶିଶୁ କ୍ରୀଡା ଉଦ୍ୟାନ, ୮ଟି ୱାକିଂ ଟ୍ରାକ, ୨ଟି ଭେଣ୍ଡିଂ ଜୋନ,୧୦ଟି କ୍ଷୁଦ୍ର ଶୌଚାଳୟ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବା ବେଳେ ୨ଟି ଜଳାଶୟ,୨ଟି ଖେଳ ପଡିଆ, ୬୭ଟି ରାସ୍ତା ଓ ୩୩ଟି ରାସ୍ତା ଏବଂ ଡ୍ରେନର ବିକାଶ ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଏସବୁ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି । ଗୁରୁବାର ବିଜେଡି ପକ୍ଷରୁ ଏ ନେଇ ଖବରଦାତା ସମ୍ମିଳନୀରେ ବିସ୍ତୃତ ତଥ୍ୟ ଦିଆଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଖବରଦାତା ସମ୍ମିଳନୀରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଯାତ୍ରାରେ କୋଭିଡ୍ ନିୟମ ଉଲ୍ଲଂଘନ, ଥାନାରେ ମାମଲା

ହିଞ୍ଜିଳିକାଟୁ,୧୮।୧୧(ଡି.ଏନ.ଏ.)-ହିଞ୍ଜିଳିକାଟୁ ପୌରାଞ୍ଚଳ ଆଙ୍କୋରଡା ଗ୍ରାମରେ ବୁଧବାର ମା' ମହୁରୀ କାଳୁଆ ଯାତ୍ରା ଘଟ ପରିକ୍ରମା ବେଳେ କୋଭିଡ ନିୟମ ଉଲ୍ଲଂଘନ ହୋଇଥିଲା। ଏ ନେଇ ହିଞ୍ଜିଳି ଥାନାରେ ମାମଲା ରୁଜୁ ହୋଇଛି। ଯାତ୍ରାରେ କୋଭିଡ୍ ନିୟମ ନମାନି ୩ଶହରୁ ଉର୍ଦ୍ଧ୍ୱ ଲୋକ ଏକାଠି ହୋଇଥିବା ବେଳେ ଅଧିକାଂଶ ମାସ୍କ ପିନ୍ଧି ନ ଥିଲେ। ଗ୍ରାମର ୧୭ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି। ହିଞ୍ଜିଳିକାଟୁ ତହସିଲଦାର ପ୍ରଭାତ କୁମାର ପରିଡ଼ାଙ୍କ ଅଭିଯୋଗକ୍ରମେ ଥାନାରେ ନଂ.୬୧୬/୨୧ରେ ମାମଲା ରୁଜୁ ହୋଇଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି ।

## ପଞ୍ଚାୟତ ନିର୍ବାଚନ ଲାଗି ପୋଲିସର ପ୍ରସ୍ତୁତି
# ବିଶୃଙ୍ଖଳାକାରୀଙ୍କୁ ନୋଟିସ୍

ଛତ୍ରପୁର,୧୮।୧୧(ଡି.ଏନ.ଏ.)

୨୦୨୨ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ଲାଗି ଚୂଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇସାରିଛି । ନିର୍ବାଚନ କିଭଳି ଅବାଧ ଓ ନିରପେକ୍ଷ ହେବ ଓ ଶାନ୍ତିଶୃଙ୍ଖଳାରେ ହେବ ସେ ନେଇ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଏସ୍‌ପି ବ୍ରିଜେଶ କୁମାର ରଏ ସୂଚନା ଦେଇଛନ୍ତି। ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ୭ ହଜାରରୁ ଉର୍ଦ୍ଧ୍ୱ ବିଶୃଙ୍ଖଳାକାରୀଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କୁ ସିଆରପିସିର ୧୦୭ ଓ ୧୧୦ ଧାରାରେ ନୋଟିସ ଜାରି କରିବାକୁ ଥାନାଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ସମସ୍ତ ଥାନା ପକ୍ଷରୁ ବିଭିନ୍ନ ଗାଁରେ ଆମ ପୋଲିସ ସମିତି ଜରିଆରେ ଲୋକଙ୍କ ସହ ଆଲୋଚନା ସହ ସଚେତନ କରାଯାଉଛି। ଗାଁରେ ଯେଉଁମାନେ ବିଶୃଙ୍ଖଳା ସୃଷ୍ଟି କରିବେ ବୋଲି ଅନୁମାନ କରୁଛନ୍ତି ଏବଂ ଅସାମାଜିକ କାର୍ଯ୍ୟରେ ଜଡିତ ରହୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ପୋଲିସକୁ ସୂଚନା ଦେବାକୁ କୁହାଯାଉଛି । ଜେଲରୁ କେତେ ଜଣ ଅସାମାଜିକ ବ୍ୟକ୍ତି ଜାମିନ୍‌ରେ ଆସିଛନ୍ତି ତାହାର ତାଲିକା ମଧ ପ୍ରସ୍ତୁତ କରାଯାଉଛି। ବେଆଇନ୍ ମଦ କାରବାର ଉପରେ ଚଢାଉ ଜାରି ରହିଛି । ଏହାକୁ ଆହୁରି ଜୋରଦାର କରିବାକୁ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଏସପି କହିଛନ୍ତି।

# ଜିଲାସ୍ତରୀୟ କବାଡ଼ି ଖେଳାଳି ଚୟନ ଶିବିର



କବାଡି ଖେଳାଳି ଚୟନ ଶିବିରରେ ଉପସ୍ଥିତି ପ୍ରତିଯୋଗୀ ।

ଆସିକା,୧୮।୧୧(ଡି.ଏନ.ଏ.)

ଆସିକା ଟାଉନ ହଲ୍ ଆଥଲେଟିକ ଆସୋସିଏଶନ ପକ୍ଷରୁ ଗଞ୍ଜାମ ଜିଲା ଆଥଲେଟିକ ଆସୋସିଏଶନ ସହାୟତାରେ ଗୁରୁବାର ଜିଲାସ୍ତରୀୟ କବାଡି ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଟାଉନ ହଲ ପଡିଆ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଆଥେଲେଟିକ ଆସୋସିଏଶନର ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ଦୁର୍ଗାଚରଣ ପଟ୍ଟନାୟକ, ଜିଲା ଉପସଭାପତି ତାରିଣୀ ଚରଣ ପଟ୍ଟନାୟକ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଟାଉନ ହଲ ଆଥେଲେଟିକ ଆସୋସିଏଶନର ସଭାପତି ଦିଲୀପ ପାଣିଗ୍ରାହୀ, ସମ୍ପାଦକ ତାରିଣୀ ସେନାପତି, ଯୁବନେତା ସତ୍ୟନାରାୟଣ ସ୍ୱାଇଁ, ସୂର୍ଯ୍ୟକାନ୍ତ ପରିଡା ପ୍ରମୁଖ ଯୋଗ ଦେଇଥିଲେ । ଆସନ୍ତା ୨୬ତାରିଖରେ ସୁନ୍ଦରଗଡରେ ହେବାକୁ ଥିବା ୬୯ତମ ରାଜ୍ୟସ୍ତରୀୟ ସିନିୟର କବାଡି ପ୍ରତିଯୋଗିତା ଓ ଡିସେମ୍ବର ୧୬ରୁ ଆସିକାରେ ହେବାକୁ ଥିବା ୪୮ତମ ଜୁନିୟର କବାଡି ପ୍ରତିଯୋଗିତା ନିମନ୍ତେ ଖେଳାଳି ଚୟନ କରାଯାଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଚୟନ ଲାଗି ଆସିଥିବା ୧୪୭ ପ୍ରତିଯୋଗୀଙ୍କ ମଧ୍ୟରୁ ସିନିୟର ବାଳକ ବିଭାଗରେ ୧୨ ଓ ବାଳିକା ବିଭାଗରେ ୧୨, ଜୁନିୟର ବାଳକ ବିଭାଗରେ ୨୦ ଓ ବାଳିକା ବିଭାଗରେ ୧୮ ଜଣଙ୍କୁ ଚୟନ କରାଯାଇଥିଲା । ରାମବାବୁ ରେଡି, କାର୍ତ୍ତିକ ପଟ୍ଟନାୟକ, ବିରେନ୍ଦ୍ର ମିଶ୍ର, ସ୍ୱଦେଶ ଦଳାଇ, ବିଶ୍ୱନାଥ ସେଠୀ, କ୍ରିଷ୍ଣା ରାଓ, ସନ୍ତୋଷ ପ୍ରଧାନ, ଚିରଂଜନ ଆଚାର୍ଯ୍ୟ ପ୍ରମୁଖ ଚୟନରେ ବିଚାରକ ଭାବେ ରହିଥିଲେ ।

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର



କାଶୀନଗର ବ୍ଲକରେ ଅନୁଷ୍ଠିତ ଶିବିରରେ ଉପସ୍ଥିତ ଅତିଥି।

ଗୋଷାଣୀ/କାଶୀନଗର,୧୮।୧୧ (ଡି.ଏନ.ଏ,)

ଗଜପତି ଜିଲା ଗୋଷାଣୀ ଓ କାଶୀନଗର ବ୍ଲକ ପରିସରରେ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷାଣୀ ବ୍ଲକରେ ଅନୁଷ୍ଠିତ ଶିବିରକୁ ଏଡିଏମ୍ ସଂଗ୍ରାମ ଶେଖର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅତିଥି ଭାବେ ଜିଲା ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ ଉପସ୍ଥିତ ରହି ଜିଲା ନିୟୋଜନ କାର୍ଯ୍ୟାଳୟ ଦ୍ୱାରା ଦିଆଯାଉଥିବା ବିଭିନ୍ନ ସରକାରୀ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ବିପିଏମ୍ ମମତା ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୨୫୦ରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ଦକ୍ଷତା ବିକାଶ ତାଲିମ ପାଇଁ ପଞ୍ଜିକରଣ କରାଇଛନ୍ତି। ଆସନ୍ତା ୨୫ ତାରିଖରେ ବ୍ଲକ ପରିସରରେ ନିଯୁକ୍ତି ମେଳା ହେବ। ସେହିପରି କାଶୀନଗର ବ୍ଲକ ପରିସରରେ ଅନୁଷ୍ଠିତ ନିଯୁକ୍ତି ପରାମର୍ଶ ଶିବିରକୁ ଗଜପତି ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ଚରଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ବିଡିଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଚିତ୍ରି ସିମାଦ୍ରୀ, ଆଞ୍ଚଳିକ ନିର୍ଦ୍ଦେଶକ, ବ୍ୟାଙ୍କର କର୍ମଚାରୀମାନେ ଯୋଗଦେଇ ନିଯୁକ୍ତି ସମ୍ପର୍କରେ ପରାମର୍ଶ ଦେଇଥିଲେ। ମୋଟ ୯୦ ଯୁବତୀ ଓ ଯୁବକ କାର୍ଯ୍ୟକ୍ରମରେ ଭାଗ ନେଇ ବିଭିନ୍ନ ଟ୍ରେଡରେ ଆବେଦନ କରିଛନ୍ତି। ଜୀବନ ଜୀବିକା ମିଶନର ବିପିଏମ୍ ଅଜୟ ବାରିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ପୁଷ୍ଟି ଶସ୍ୟ ଖାଦ୍ୟ ମେଳା

ଦାରିଙ୍ଗବାଡ଼ି,୧୮।୧୧(ଡି.ଏନ.ଏ)

କନ୍ଧମାଳ ଜିଲାରେ କେହି ଯେଭଳି ପୁଷ୍ଟିହୀନତାର ଶିକାର ନ ହେବେ ସେ ନେଇ ରାଜ୍ୟ ସରକାରଙ୍କ ମିଲେଟ ମିଶନ ପକ୍ଷରୁ ଜିଲା ପ୍ରଶାସନ ବିଭିନ୍ନ କାର୍ଯ୍ୟକ୍ରମ କରୁଛି। ବିଭିନ୍ନ ଅନୁଷ୍ଠାନର ସହଯତାରେ ଅଞ୍ଚଳରେ କାଙ୍ଗୁ, କୁଏରୀ, ଜନ୍ନା, ମାଣ୍ଡିଆ, ବାଜରା, ଚୀନା, କୋଦା, ସୁଆଁ, ଗୁରୁଜୀ, କୋଶଲା, ଖିରା, ଜାଡ଼ି, ସାବା, ଗହମ ଆଦି ଚାଷର ପୁନରୁଦ୍ଧାର କରାଯାଉଛି । ଏହାର ଉତ୍ପାଦନ ବୃଦ୍ଧି ସହ ଅଞ୍ଚଳରେ ବହୁଳ ବ୍ୟବହାର ପାଇଁ ଜିଲାର ବିଭିନ୍ନ ସ୍ଥାନରେ ପୁଷ୍ଟି ଶସ୍ୟ ଖାଦ୍ୟମେଳା କରାଯାଉଛି। ୨୦୧୭ ମସିହାରୁ ଏପରି କାର୍ଯ୍ୟକ୍ରମ କରାଯାଉଛି। ଚଳିତବର୍ଷ ଏହି ମେଳା ବିଭିନ୍ନ ସ୍ଥାନରେ କରାଯାଇଛି। ଦାରିଙ୍ଗବାଡ଼ି ହିଲଭିୟୁ ପାର୍କ ସମ୍ମୁଖରେ ୨ ଦିନିଆ ଏହି ମେଳା ହୋଇଛି । ସରକାରଙ୍କ ସହଭାଗିତା ଜାଗୃତି ଅନୁଷ୍ଠାନ ଏଥିରେ ସହଯୋଗ କରିଛି । ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟଙ୍କ ତତ୍ତ୍ୱାଧାନରେ ମହେନ୍ଦ୍ର ପରିଡ଼ା, ପ୍ରଦୀପ କହଁର, ଦେବାନନ୍ଦ ଦାସ, ଯୁବରାଜ ଅଧିକାରୀ , ପ୍ରଫୁଲ୍ଲ ମହାପାତ୍ର, କୈଳାଶ ବେହୁର, ଶଙ୍କର ନାୟକ, ପ୍ରେମାନନ୍ଦ ସିଂ, ଯିଶାୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦାରିଙ୍ଗବାଡ଼ିକୁ ଆସୁଥିବା ପର୍ଯ୍ୟଟକଙ୍କ ସମେତ ଅଞ୍ଚଳର ଲୋକଙ୍କୁ ସମସ୍ତ ପ୍ରକାର ଶସ୍ୟ ପ୍ରଦର୍ଶନ କରାଯିବା ସହ ତାହାର ଚାଷ ସମ୍ପର୍କରେ କୁହାଯାଇଛି। ଏସବୁ ଶସ୍ୟରେ ପ୍ରସ୍ତୁତ ସୁପ୍ , ବରା,ପକୁଡ଼ି, ପିଆଜି, ଖିରୀ, ଲବଙ୍ଗଲତା ମିଠା, କାକରା, ଗୁଲୁଗୁଲା ଆଦି ପୁଷ୍ଟିକର ଖାଦ୍ୟ ଲୋକଙ୍କୁ ଖାଇବାକୁ ଦିଆଯାଇଛି ।



ପର୍ଯ୍ୟଟକଙ୍କୁ ଶସ୍ୟ ସମ୍ପର୍କରେ ଅବଗତ କରାଯାଉଛି ।

# ଟ୍ରିବ୍ୟୁନାଲଙ୍କ ରାୟକୁ ବିସ୍ଥାପିତଙ୍କ ବିରୋଧ

## ବଂଶଧାରା ନଦୀଜଳ ବିବାଦ



ଆଲୋଚନା ଚାଲିଛି।

ପାରଳାଖେମୁଣ୍ଡି,୧୮।୧୧(ଡି.ଏନ.ଏ.)

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ବଂଶଧାରା ନଦୀ ବାମପାର୍ଶ୍ୱରେ ଥିବା ସାରା, ପାଲସିଙ୍ଗି ଏବଂ ବାଡିଗାଁ ବୁଡି ଅଞ୍ଚଳବାସୀ ଓଡିଶା-ଆନ୍ଧ୍ର ବଂଶଧାରା ନଦୀଜଳ ବଣ୍ଟନ ବିବାଦ ଉପରେ ଟ୍ରିବ୍ୟୁନାଲ ଦେଇଥିବା ରାୟକୁ ବିରୋଧ କରିଛନ୍ତି । ଏସବୁ ଗ୍ରାମବାସୀ ଆନ୍ଧ୍ରପ୍ରଦେଶର ମନମାନି ତଥା ବିନା ସହମତିରେ ପ୍ରକଳ୍ପ କାର୍ଯ୍ୟ ନିର୍ମାଣ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସାରା ଏବଂ ପାଲସିଙ୍ଗିଠାରେ ଏକାଠି ହୋଇଥିଲେ। ଆନ୍ଧ୍ରର ନେରେଡି ଓ କାଟ୍ରାଗଡ଼ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସେମାନଙ୍କର ବାସସ୍ଥାନ ତଥା ଚାଷଜମି ନଷ୍ଟ ହେବ। ଏହି ପ୍ରସ୍ତାବିତ ବ୍ୟାରେଜ ଲାଗି ଆନ୍ଧ୍ର ସରକାର ଅନଧିକୃତ ଭାବରେ ସାରା ଗାଁର ବଂଶଧାରା କୂଳରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବୁଧବାର ନିଜ ଗ୍ରାମରେ ବଂଶଧାରା ବୁଡି ଅଞ୍ଚଳବାସୀ ସେମାନଙ୍କ ଗ୍ରାମ ସାରା ଏବଂ ପାଲସିଙ୍ଗି ଠାରେ ଆନ୍ଧ୍ର ବିରୋଧରେ ଗ୍ରାମବାସୀ ମେଳି କରିଥିବା ବେଳେ ଗଜପତି ଜିଲା ଉତ୍କଳ ସମ୍ମିଳନୀ ପ୍ରତିନିଧି ଦଳ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ । ପ୍ରତିନିଧି ଦଳରେ ସମ୍ମିଳନୀର ରାଜ୍ୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ଭାଗବତ ପାଢ଼ୀ ଓ ଜଗଦୀଶ ମହାପାତ୍ର ପ୍ରମୁଖ ରହିଥିଲେ। ବ୍ୟାରେଜ ପାଇଁ ଆନ୍ଧ୍ର ପକ୍ଷରୁ ସେମାନଙ୍କ ଆକଳନ ପ୍ରକାରେ ଓଡ଼ିଶାର ପ୍ରଭାବିତ ହେଉଥିବା ମାତ୍ର ୧୦୬ ଏକର ଜମିଅଧିଗ୍ରହଣ କରିବାକୁ ଆନ୍ଧ୍ର ସରକାର ଜୋରଦାର ଘୋଷଣା କରିଛନ୍ତି। ଯାହାର ସ୍ଥିତି ଚୂଡାନ୍ତ ହୋଇନାହିଁ। ଏଭଳି ନିଷ୍ପତ୍ତିକୁ ବଂଶଧାରା ବୁଡି ଅଞ୍ଚଳବାସୀ ସମ୍ପୂର୍ଣ୍ଣ ବିରୋଧ କରିଛନ୍ତ। ଆନ୍ଧ୍ର ସରକାରଙ୍କ ମନମାନିକୁ ନେଇ ଖୁବ ଶୀଘ୍ର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବେ। ସେମାନଙ୍କ ବଞ୍ଚିବାର ଆଇନଗତ ଦାବି ପୂରଣ ପାଇଁ ଦାବି ଉପସ୍ଥାପନ କରିବେ।

# ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ କଲେ ବିଧାୟିକା

ବେଗୁନିଆପଡ଼ା, ୧୮।୧୧(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ କାଳିମେଘି ପଞ୍ଚାୟତରେ ବୁଧବାର କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦଘାଟନ କରିଛନ୍ତି। ବାଇଦିପଡା ଗ୍ରାମରେ କୋଠଘର, ମାରୁଡିପଲିଠାରେ କୋଠଘର, କାଳିମେଘି ଗୌଡ଼ ସାହି କୋଠଘର ଓ ପାଠାଗାର, ଯୋଗୀଆଗୁଳ ଗ୍ରାମରେ କୋଠଘର, ଜାଗିଲିପଦର ଗ୍ରାମରେ କୋଠଘର ଓ ଯାତ୍ରୀ ବିଶ୍ରାମାଗରକୁ ଲୋକାର୍ପଣ କରିଥିଲେ ବିଧାୟିକା। କାଳିମେଘିଠାରେ ଏକ ସାଧାରଣ ସଭାରେ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ମନୋଜ କୁମାର ପାଣ୍ଡି, ପୂର୍ବତନ ଜିଲା ପରିଷଦ ସଦସ୍ୟ ତ୍ରିନାଥ ଭୂୟାଁ, ସରପଞ୍ଚ ମମତା ପଲାଇ, ସମିତିସଭ୍ୟ ବରୁଣ ଗୌଡ଼, ବହୁ ଲୋକ ଉପସ୍ଥିତ ଥିଲେ।



ବିଧାୟିକା ଲତିକା ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

## ସଡ଼କ ଦୁର୍ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ଗଞ୍ଜାମ,୧୮।୧୧(ଡି.ଏନ.ଏ.)

ହୁମା ତଳସାହି ପ୍ରୋଜେକ୍ଟ ଅପର ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲାବାଳା ଆଚାର୍ଯ୍ୟଙ୍କ ଗୁରୁବାର ସ୍କୁଲକୁ ଯିବା ସମୟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କ ପୁଅଙ୍କ ବାଇକରେ ସ୍କୁଲ ଯାଉଥିବା ବେଳେ ୧୬ ନଂ ଜାତୀୟ ରାଜପଥର ଲକ୍ଷ୍ମୀପୁରଠାରେ ଅନ୍ୟ ଏକ ବାଇକ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ମା' ଓ ପୁଅ ରାସ୍ତାରେ ଛିଟିକି ପଡ଼ିଥିଲେ। ସେ ସମୟରେ ଯାଉଥିବା ଏକ ଟ୍ରକ ଶିକ୍ଷୟିତ୍ରୀଙ୍କ ଗୋଡରେ ମାଡ଼ି ଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଡାକ୍ତରଖାନାକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିବା ଗଞ୍ଜାମ ବ୍ଲକ ସିଆରସିସି ମହେଶ ବେହେରା ସୂଚନା ଦେଇଛନ୍ତି।

## ସାପ କାମୁଡ଼ାରେ ଯୁବକ ମୃତ

ପୁରୁଷୋତ୍ତମପୁର,୧୮।୧୧(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପ୍ରତାପପୁର ଗ୍ରାମରେ ଗୁରୁବାର ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁନା ବେହେରା। ଗୁନାଙ୍କ ଘରେ ସାପଟି ରହି ଯାଇଥିଲା। କୌଣସି ପ୍ରକାରେ ତା ଉପରେ ଗୁନାଙ୍କ ହାତ ବାଜିଯିବାରୁ କାମୁଡ଼ି ଦେଇଥିଲା। ତାଙ୍କୁ ଚିକିତ୍ସା ନିମନ୍ତେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଥାନା ଏଏସଆଇ ରବିନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛନ୍ତି। ଏ ନେଇ ନଂ. ୨୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଉଦ୍ଭିଦ ବିଜ୍ଞାନ ବିଭାଗ ଆଲୋଚନାଚକ୍ର

ଭଞ୍ଜନଗର,୧୮।୧୧(ଡି.ଏନ.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ଅଧକ୍ଷତା କରିଥବଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସୁନିତା ଖଣ୍ଡୁଆଳ ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଧାପକ ବିଭୂତି ଭୂଷଣ ପାଣିଗ୍ରାହୀ,ଡ. ରବୀନ୍ଦ୍ରନାଥ ପାଳ, ଡ. ପୀତବାସ ପାଳ, ଅଧ୍ୟାପକ ରଜତ କୁମାର ମିଶ୍ର, ପ୍ରତ୍ୟୁଷ କାର୍ଜି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ସବିତା ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସାଗତ କରାଯାଇଥିଲା।

## ପାଣି ପାଇଁ ରାସ୍ତାରୋକୋ

ଫୁଲବାଣୀ ଅଫିସ, ୧୮।୧୧

ଫୁଲବାଣୀ ପୌର ପରିଷଦ ଅରବିନ୍ଦ ନଗର, ପେଞ୍ଚିସାହି, ଏଫସିଆଇ ଛକ ନିକଟରେ ପାନୀୟ ଜଳ ସମସ୍ୟା ରହିଛି। ଏହାକୁ ନେଇ ବାରମ୍ବାର ଦାବି କରାଯିବା ସତ୍ତ୍ୱେ କୌଣସି ସୁବିଧା କରାଯାଉନାହିଁ । ଫଳରେ ଲୋକେ ଉତ୍ୟକ୍ତ ହୋଇ ଗୁରୁବାର ପେଞ୍ଚିସାହି ସ୍କୁଲ ପାଖରେ ରାସ୍ତାରୋକୋ କରିଛନ୍ତି। ଲୋକେ ମାଠିଆ, ଗରା, ବାଲଟି ଧରି ଟାୟାର ଜାଳି ରାସ୍ତା ଅବରୋଧ କରିବାକୁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଫୁଲବାଣୀ ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ, ଟାଉନ ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଲୋକେ ରାସ୍ତାରୋକରୁ ହଟିଥିଲେ।

## କଂଗ୍ରେସର ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି,୧୮।୧୧ (ଡି.ଏନ୍.ଏ.)

ଗୁମ୍ମା ବ୍ଲକ ବୋଡ଼କୋଲାକଟ ପଞ୍ଚାୟତରେ କଂଗ୍ରେସ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଓ ପ୍ରଦେଶ କଂଗ୍ରେସ କୃଷି ସେଲ ରାଜ୍ୟ ପ୍ରଭାରୀ ରଶ୍ମିରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ଆଗାମୀ ନିର୍ବାଚନରେ ଦଳ ଯେଭଳି ଭଲ ପ୍ରଦର୍ଶନ କରିବ ସେ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଅନ୍ୟ ଦଳକୁ ଯାଇଥିବା ତରବା ପଞ୍ଚାୟତ ଆଶ୍ରୟଗଡ଼ ଗ୍ରାମର କେତେଜଣ ଯୁବକ ପୁନର୍ବାର କଂଗ୍ରେସକୁ ଫେରିଥିବାରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ବୈଠକରେ ଅନ୍ୟତମ ଅତିଥିଭାବେ ପ୍ରଦେଶ କଂଗ୍ରେସ କର୍ମିଚିରର ସମ୍ପାଦକ ସଞ୍ଜୟ ଅଧିକାରୀ, ଜିଲା ଯୁବ ସଭାପତି ସୂର୍ଯ୍ୟ ନାରାୟଣ ପାତ୍ର, କୁନା ମାଝୀ,ବସନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବୈର୍ଜିକ ଗମାଙ୍ଗ ବୈଠକ ପରିଚାଳନା କରିଥିବା ବେଳେ ବ୍ଲକ ସଭାପତି ଲଳିତ ଦଣ୍ଡସେନା, ଯୁବ ସଭାପତି ମଣ୍ଟୁ ପାଣି ଓ ଗବ୍ରିଏଲ ଲିମା ସହଯୋଗ କରିଥିଲେ।

**ବୋଇତ ବନ୍ଦାଣ ଉତ୍ସବକୁ ବିଏମ୍‌ସିର କଟକଣା**

**ବ୍ରହ୍ମପୁର ଅଫିସ:** ଚଳିତ ବର୍ଷ ବ୍ରହ୍ମପୁର ସହରରେ ବୋଇତ ବନ୍ଦାଣ ଉତ୍ସବକୁ ନେଇ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ କଟକଣା ଜାରି କରାଯାଇଛି। କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଗୁରୁବାର ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ପକ୍ଷରୁ ଦର୍ଶାଯାଇଛି। ଗୁରୁବାର ଅପରାହ୍ନ ୨ଘଣ୍ଟାରୁ ଶୁକ୍ରବାର ଅପରାହ୍ନ ୨ଟା ଯାଏ ଏହି କଟକଣା ବଳବତ୍ତର ରହିବ ବୋଲି ପତ୍ରରେ ଉଲେଖ ରହିଛି।

## ସଂକ୍ଷେପରେ

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ

**ଫୁଲବାଣୀ ଅଫିସ,୧୮।୧୧:** ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଫୁଲବାଣୀ ପୋକସୋ ଅଦାଲତର ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଏକ ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଦୋଷୀଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଆଉ ୬ ମାସ ଜେଲ ଭୋଗିବାକୁ ହେବ ବୋଲି ରାୟରେ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାଲିଗୁଡା ଥାନା ବାରଖମା ଅଞ୍ଚଳର ରୋମିଓ ଦିଗାଲ। ରୋମିଓ ଫୁଲବାଣୀ ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ୩/୪ ବର୍ଷ ଧରି ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ପରେ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ନାବାଳିକାଙ୍କ ବାପା ଫୁଲବାଣୀ ଟାଉନ ଥାନାରେ ଗତ ୨୦୧୪ ସେପ୍ଟେମ୍ବର ୨୨ ତାରିଖରେ ଏତାଲା ଦେଇଥିଲେ। ପୋଲିସ ନଂ ୨୧୨/୧୪ ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉକ୍ତ ମାମଲାର ରାୟ ପ୍ରକା ପାଇଛି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ପରିଚାଳନା କରୁଥିଲେ।

### ଦିଗପହଣ୍ଡିର ବିସ୍ମୟ ବାଳକ ସାତ୍ତ୍ୱିକ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ' ଦ୍ୱାରା ପ୍ରଶଂସିତ




**ଦିଗପହଣ୍ଡି,୧୮।୧୧(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଫାସିଗୁଡା ନୂଆସାହିର ୩ ବର୍ଷ ବୟସର ବିସ୍ମୟ ବାଳକ ସାତ୍ତ୍ୱିକ ବିଷୋୟୀ ନିଜର ଦକ୍ଷତା ପାଇଁ ''ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ' ଦ୍ୱାରା ପ୍ରସଂଶିତ ହୋଇଛନ୍ତି। କାଳୁଚରଣ ବିଷୋୟୀ ଏବଂ ସସ୍ମିତା ପ୍ରଧାନଙ୍କ ପୁତ୍ର ସାତ୍ତ୍ୱିକ ନିମିଷକ ମଧ୍ୟରେ ବିଭିନ୍ନ ପ୍ରଶ୍ନର ଉତ୍ତର ନିର୍ଭୁଲ ଭାବେ ଦେଇ ପାରୁଥିବା ଦେଖାଯାଇଛି। ନିକଟରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ଦ୍ୱାରା ଅନ୍‌ଲାଇନ ଯୋଗେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଭାଗ ନେଇ ସାତ୍ତ୍ୱିକ ପଚରାଯାଇଥିବା ବିଭିନ୍ନ ପ୍ରଶ୍ନ, ଭାରତର ପଡୋଶୀ ଦେଶ ମାନଙ୍କର ନାମ, ଭାରତର ବିଭିନ୍ନ ରାଜ୍ୟ ଓ ତାର ରାଜଧାନୀ, ୧୭ ଟି ଜାତୀୟ ପ୍ରତୀକ, ଓଡିଶାର ୩୦ ଟି ଜିଲାର ନାମ, ଜାତୀୟ ସଂଗୀତ, ଭାରତର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ନାମ ଏବଂ ଅନ୍ୟ ୬୯ ଟି ସାଧାରଣ ଜ୍ଞାନ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେବାକୁ ସକ୍ଷମ ହୋଇଥିଲେ। ଭିଏତନାମର ଏପିଆର ଦ୍ୱାରା ସହବନ୍ଧିତ ଏବଂ ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଏହି ସଂସ୍ଥାର ମୁଖ୍ୟ ସମ୍ପାଦକ ଡ.ବିଶ୍ୱରୂପ ରାୟ ଚୌଧୁରୀ ସାତ୍ତ୍ୱିକଙ୍କ ବିଶେଷ ଦକ୍ଷତାକୁ ଉଚ୍ଚ ପ୍ରଶଂସା କରି ଏକ ପ୍ରଶଂସାପତ୍ର ପ୍ରେରଣ କରିବା ସହ ମେଡାଲ ଏବଂ ଅନ୍ୟ ପୁରସ୍କାର ମଧ ପ୍ରେରଣ କରିଛନ୍ତି।

### ସ୍ୱଚ୍ଛତା ତଦାରଖ କଲେ ଜିଲାପାଳ

**ଘର, ଦୋକାନ ସମ୍ମୁଖ ସଫା ନ କଲେ କାର୍ଯ୍ୟାନୁଷ୍ଠାନ**

**ଛତ୍ରପୁର,୧୮।୧୧(ଡି.ଏନ.ଏ.):** ଛତ୍ରପୁର ସହରକୁ ସ୍ୱଚ୍ଛ, ସୁନ୍ଦର କରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟ କରାଯାଉଛି। ସହରରେ ଦୋକାନୀ ନିଜ ଦୋକାନର ୫ ମିଟର ବ୍ୟବଧାନକୁ ନିଜେ ସଫା କରିବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଛତ୍ରପୁର ଏନଏସି କାର୍ଯ୍ୟାଳୟରୁ ଚାଲି ନୂତନ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ସ୍ୱଚ୍ଛତା ତଦାରଖ କରିଥିଲେ। ଅରବିନ୍ଦ ସ୍କୁଲ ସମ୍ମୁଖ ମାର୍କେଟ କମ୍ପ୍ଲେକ୍ସରେ ଅଳିଆ ଆବର୍ଜନା ପଡିଥିବା ଦେଖି ଦୋକାନୀଙ୍କୁ ତାଗିଦ କରିଥିଲେ। ପରେ ନୂଆ ବସଷ୍ଟାଣ୍ଡ ରାସ୍ତା ପାର୍ଶ୍ୱରେ ଚାରାରୋପଣ କରିଥିଲେ। ଯାହାର ଦୋକାନ କିମ୍ବା ଗୃହ ନିକଟରେ ଅଳିଆ ପଡ଼ିଥିବା ସେମାନଙ୍କ ଠାରୁ ଜରିମାନା ଆଦାୟ କରିବା ପାଇଁ କହିଥିଲେ। ଜିଲାପାଳଙ୍କ ପରିଦର୍ଶନ ବେଳେ ଡୁଡା ପିଡି ସଚ୍ଚିଦାନନ୍ଦ ନାୟକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏନ. ଗଣେଶ ବାବୁ, ଏନଏସ କନଷ୍ଠ ଯନ୍ତ୍ରୀ ସୁଶାନ୍ତ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ଅଫିସ ଆଗରେ ଆଇଏନ୍‌ଟିୟୁସିର ଆନ୍ଦୋଳନ

**ବ୍ରହ୍ମପୁର ଅଫିସ,୧୮।୧୧**

- ଧାନ, ପରିବା ଫସଲ କ୍ଷତିର ଶୀଘ୍ର ଆକଳନ କରାଯାଉ
- ଏକର ପିଛା ୧୦ ରୁ ୧୫ ହଜାର ଟଙ୍କା କ୍ଷତିପୂରଣ ଦାବି



କୃଷି ଅଫିସ ଆଗରେ ଆଇଏନଟିୟୁସିର ଆନ୍ଦୋଳନ।

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ (ଆଇଏନଟିୟୁସି) ଗଞ୍ଜାମ ଜିଲା ଶାଖା ପକ୍ଷରୁ ଗୁରୁବାର ବ୍ରହ୍ମପୁରସ୍ଥ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଇତିମଧ୍ୟରେ ଘଟିଥିବା ଲଘୁଚାପ ଜନିତ ୪ ଦିନର ଲଗାଣ ବର୍ଷାରେ ସମଗ୍ର ଜିଲାରେ ଖରିଫ ଧାନ ଓ ପରିବା ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ଚାଷୀଙ୍କୁ ସରକାର କ୍ଷତିପୂରଣ ଦେବା ଦାବି ନେଇ ଏହି ଆନ୍ଦୋଳନ ହୋଇଥିଲା। ମଜଦୁର କଂଗ୍ରେସ ଜିଲା ସଭାପତି ପୀତବାସ ପଣ୍ଡା ନେତୃତ୍ୱ ନେଇଥିଲେ ଏବଂ ଶ୍ରମିକ ନେତା ପ୍ରମୋଦ କୁମା ରଜେନା, ସାଇ ପ୍ରସାଦ ପାତ୍ର, ରଞ୍ଜନ ତରେଇ, ଭୋକାଲି ସେଠୀ, ଉଦୟ ପାଣିଗ୍ରାହିଙ୍କ ସମେତ ଶତାଧିକ ଗ୍ରାମାଞ୍ଚଳ ଚାଷୀ ସାମିଲ ହୋଇଥିଲେ। ସୁଚିତ୍ରା ଦାସ, ଆରତି ପଟ୍ଟନାୟକ, ସୁନିତା ସାହୁ ପ୍ରମୁଖ ମହିଳାମାନେ ଯୋଗ ଦେଇଥିଲେ।

ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ୬ ଦଫା ଦାବିପତ୍ର ଦିଆଯାଇଥିଲା। ଉକ୍ତିଡ଼ି ଯାଇଥିବା ଧାନ ଫସଲର ଏକର ପିଛା ୧୦ ଏବଂ ପରିବା ଫସଲର ଏକର ପ୍ରତି ୧୫ ହଜାର ଟଙ୍କା ଲେଖାଏ କ୍ଷତିଗ୍ରସ୍ତ ଚାଷୀଙ୍କୁ ଦିଆଯିବା, ପ୍ରତି ପଞ୍ଚାୟତକୁ ଗୋଟିଏ ୟୁନିଟ ଭାବେ ଚିହ୍ନଟ କରି ଯୁଦ୍ଧକାଳୀନ ଭିତ୍ତିରେ କ୍ଷୟକ୍ଷତିର ଆକଳନ, ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଚାଷୀ ପରିବାରକୁ ଆଗାମୀ ୫ ମାସ ପର୍ଯ୍ୟନ୍ତ ମାଗଣାରେ ୧୦ କେଜି ଚାଉଳ ଯୋଗାଇବାକୁ ଆଇଏନଟିୟୁସି ଦାବି କରିଛି।

## ଦୁଇ ଗୋଷ୍ଠୀ ହାତାହାତି, ଥାନାରେ ମାମଲା

**ଛତ୍ରପୁର,୧୮।୧୧(ଡି.ଏନ.ଏ.)**

ଛତ୍ରପୁର ଥାନା ଅନ୍ତର୍ଗତ ହଂସପୁର ଗ୍ରାମରେ ବୁଧବାର ରାତିରେ କୋଠିଶାଳ ବିସର୍ଜନ ବେଳେ କୌଣସି କଥାକୁ ନେଇ ଗ୍ରାମର ୨ ବ୍ୟକ୍ତିଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଉଭୟଙ୍କ ସମର୍ଥକ ହାତାହାତି ହୋଇଥିଲେ। ଏ ନେଇ ଉଭୟ ପକ୍ଷର ଅଭିଯୋଗକ୍ରମେ ଛତ୍ରପୁର ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ଗୁରୁବାର ଏହାର ତଦନ୍ତ ଆରମ୍ଭ କରିଛି। ବିଶେଷ ସୁତ୍ର ରୁ ମିଳିଥିବା ଖବର ଅନୁଯାୟୀ, ଗ୍ରାମରେ ଟ୍ରକ ଆସୋସିଏସନ କୁ ନେଇ କିଛି ଦିନ ହେଲା ଦୁଇ ଗୋଷ୍ଠି ମଧ୍ୟରେ ମତାନ୍ତର ଚାଲିଥିବା ବେଳେ ଗତକାଲି କୋଠିଶାଳା ଯାତ୍ରାର ଶେଷ ଦିନରେ ଠାକୁରଙ୍କ ଭସାଣି ଯାତ୍ରା ସମୟରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଝଗଡାର ସୁତ୍ରପାତ ହୋଇଥିଲା।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

**ବେଗୁନିଆପଡ଼ା, ୧୮।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା କୋଦଳା ଏନ୍‌ଏସି ଅନ୍ତର୍ଗତ ଇନାମ ବେଲପଡ଼ା ଗ୍ରାମର ପାର୍ବତୀ ପଲେଇ(୨୬) ନାମ୍ନୀ ବିବାହିତା ମହିଳା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ସଙ୍ଗିପୁର ଗ୍ରାମ ହୋଇଥିବା ବେଳେ ଆଜକୁ ୮ ବର୍ଷ ପୂର୍ବେ ଇନାମ ବେଲପଡ଼ାର ଚକ୍ରପାଣି ପଲେଇଙ୍କୁ ବିବାହ କରିଥିଲେ। ଦୀର୍ଘଦିନ ଧରି ପରିବାରରେ ଅଶାନ୍ତି ସୃଷ୍ଟି ହେଉଥିବା ବେଳେ ସ୍ୱାମୀ ଚକ୍ରପାଣି ମଦପିଇ ସବୁବେଳେ ଝଗଡ଼ା କରୁଥିଲେ। ଫଳରେ ଆଜକୁ ୫ ବର୍ଷ ହେବ ପାର୍ବତୀ ବାପଘରେ ରହୁଥିଲେ। ତେବେ ୩ ଦିନ ତଳେ ଶାଶୁଘର ବେଲପଡ଼ାକୁ କୌଣସି କାମରେ ଆସିଥିଲେ। ସେଠାରେ ସ୍ୱାମୀଙ୍କ ସହ କିଛି ବଚସାକୁ କେନ୍ଦ୍ର କରି ସେ କୀଟନାଶକ ପିଇ ଦେଇଥିଲେ। ତାଙ୍କୁ କୋଦଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୨୬/୨୦୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# କନଷ୍ଟେବଲଙ୍କ ବୟାନ ରେକର୍ଡ଼

**ବ୍ରହ୍ମପୁର ବିଧାୟକଙ୍କ ନାମରେ ନିର୍ବାଚନୀ ମାମଲା**

**ବ୍ରହ୍ମପୁର ଅଫିସ,୧୮।୧୧**

ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ନାମରେ ୨୦୦୯ରେ ରୁଜୁ ହୋଇଥିବା ଏକ ନିର୍ବାଚନୀ ମାମଲାରେ ଗୁରୁବାର ସାକ୍ଷୀଙ୍କ ବୟାନ୍ ରେକର୍ଡ଼ କରାଯାଇଛି। ସାକ୍ଷୀ ଭାବେ କନଷ୍ଟେବଲ ଏ.ଏସ୍ ପାତ୍ର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅନୁସମ ଦାଶଙ୍କ କୋର୍ଟରେ ହାଜର ହୋଇ ତାଙ୍କର ବୟାନ୍ ଦେଇଥିବା କ୍ୟାଡର୍ ଏପିପି ମୋନାଲି ରାଇସା କହିଛନ୍ତି।

ବିଧାୟକ ପଣ୍ଡା ୨୦୦୯ରେ କଂଗ୍ରେସ ଦଳରୁ ବିଧାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ୨୦୦୯ ଏପ୍ରିଲ୍ ୧୨ରେ ଟାଉନ୍ ଥାନା ଅନ୍ତର୍ଗତ ଗେଟବଜାର ନୀଳାଦ୍ରିବିହାରେ ତତ୍କାଳୀନ ତହସିଲଦାର ତଥା ତାଲିମ ଗ୍ରହଣ କରୁଥିବା ଆଇଏଏସ୍ ଆର୍.ପି. ସିଂ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବିଧାୟକ ପଣ୍ଡାଙ୍କ ଏକ ବ୍ୟାନର୍ ରାସ୍ତା ଉପରେ ଓହଳି ରହିଥିବା ଦେଖିବାକୁ ମିଳିଥିଲା। ଏଣୁ ତହସିଲଦାର ଟାଉନ୍ ଥାନାରେ କେସ୍ ନମ୍ବର ୩୭/୦୯ରେ ଏକ ନିର୍ବାଚନୀ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ୧୨ଜଣ ସାକ୍ଷୀ ଥିଲେ। ଷଷ୍ଠ ସାକ୍ଷୀ ଭାବେ ଗୁରୁବାର ପୋଲିସ କନଷ୍ଟେବଳ ପାତ୍ର କୋର୍ଟରେ ହାଜର ହୋଇ ତାଙ୍କର ବୟାନ୍ ଦେଇଛନ୍ତି।

## ପରିଚୟ ଖୋଜୁଛି ମା' ବାପା ଛେଉଣ୍ଡ ଶିଶୁ

**ପୋଲସରା,୧୮।୧୧(ଡି.ଏନ.ଏ.)**

ଶିଶୁଟି ଦୁନିଆର ଭଲମନ୍ଦ ଜାଣିବା ଆଗରୁ ମା'ବାପାଙ୍କୁ ହରାଇଛି। ପୋଲସରା ବ୍ଲକ ମଧୁପଲ୍ଲୀ ପଞ୍ଚାୟତ ଗୌଡ଼ ସାହିର ହୀନ ପ୍ରଧାନ। ମା' ବାପାଙ୍କ ମୃତ୍ୟୁ ପରେ ନିଜ ଗାଁ ଜୁଲୁଣ୍ଡାରେ ସମ୍ପର୍କୀୟମାନେ ଶିଶୁଟିକୁ ପାଖରେ ରଖିବାକୁ ମନା କରି ଦେଇଥିଲେ। ସେବେଠାରୁ ହୀନ ମଧୁପଲ୍ଲୀ ସ୍ଥିତ ନିଜ ମାମୁ ଲକ୍ଷ୍ମଣ ପ୍ରଧାନଙ୍କ ଘରେ ରହି ଗାଁ ସ୍କୁଲରେ ୭ମ ଶ୍ରେଣୀରେ ପଢ଼ୁଛି। ହେଲେ ଆଗକୁ ଉତ୍ତମ ଶିକ୍ଷା ଓ ନିଜର ଉଜ୍ଜ୍ୱଳ ଭବିଷ୍ୟତ ନେଇ ଆର୍ଥିକ ସଙ୍କଟ ସୃଷ୍ଟି ହୋଇଛି। ମାମୁଙ୍କ ସ୍ୱଳ୍ପ ରୋଜଗାର ଓ ୫ ପ୍ରାଣୀ କୁଟୁମ୍ବ ସହ ଭଣଜା ହୀନର ସମସ୍ତ ଦାୟିତ୍ୱ ଏବେ ଆର୍ଥିକ ବୋଝକୁ ଦୁଇଗୁଣ କରି ଦେଇଛି। ଏନେଇ ପୋଲସରା ବିଡିଓ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସରପଞ୍ଚ ପ୍ରତିନିଧି ବସନ୍ତ କରଣ ପ୍ରତିଶ୍ରୁତି ଦେଇଛନ୍ତି।

# ରାଜ୍ୟସ୍ତରୀୟ ଶିଶୁ ନାଟକ ଉତ୍ସବ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୧୮।୧୧**

ଓଡିଶା ନାଟକ ସମାରୋହ ସମିତି ପକ୍ଷରୁ ହିଲ୍‌ପାଟଣା ସଂସ୍କୃତି ଭବନଠାରେ ଆୟୋଜିତ ୨ ଦିନିଆ ରାଜ୍ୟସ୍ତରୀୟ ଶିଶୁ ନାଟକ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଓଡିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥିଲା। ଆଜିର ଉଦ୍‌ଯାପନୀ ଦିବସରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଓ ଓଡିଶା ସଂଗୀତ ନାଟକ ଏକାଡେମୀ ସାଧାରଣ ପରିଷଦ ସଭ୍ୟ ଆଲୋକ ବିଶୋୟୀ ଯୋଗ ଦେଇଥିଲେ। ଓଡିଶା ସଂଗୀତ ନାଟକ ଏକାଡେମୀ ଉପସଭାପତି ମନ୍ମଥ କୁମାର ଶତପଥୀ ସଭାପତିତ୍ୱ କରିଥିଲେ। ଓଡିଶା ନାଟକ ସମାରୋହ ସମିତି ସମ୍ପାଦକ ଶଙ୍କର୍ଷଣ ସାବତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।


ଶିଶୁଙ୍କ ଦ୍ୱାରା ନାଟକ ପରିବେଷଣ।

ବ୍ରହ୍ମପୁର ଗଣପତି ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ନଳିନୀକାନ୍ତ ଗୌଡଙ୍କ ରଚନା ଓ ନିର୍ଦ୍ଦେଶିତ ରାଣୀ ନାଟକ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଉକ୍ତ ସମସ୍ତ ନାଟକର ପର୍ଯ୍ୟବେକ୍ଷକ ଭାବେ ସୁବୋଧ ପଟ୍ଟନାୟକ, ରବି ନାରାୟଣ ବେହେରା, ରାମଚନ୍ଦ୍ର ସାସମଲ ଓ ଡ.ତ୍ରିପତି ସାହୁ ଯୋଗ ଦେଇଥିଲେ। ଶେଷରେ ନାଟକରେ ଅଭିନୟ କରିଥିବା ସମସ୍ତ ନାଟ୍ୟକାରଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ନାୟକ, ପଦ୍ମ ଚରଣ ସାହୁ, ସୁନୀଲ କୁମାର ସ୍ୱାଇଁ, ପ୍ରତାପ ଚନ୍ଦ୍ର ମହାପାତ୍ର, ଦୀନବନ୍ଧୁ ଶତପଥୀ, ଜୟନ୍ତୀ ମିଶ୍ର, ବାବୁଲା ମହାପାତ୍ର, ଉଷାରାଣୀ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଜାମିନ

**ବ୍ରହ୍ମପୁର ଅଫିସ,୧୮।୧୧**

ପୋକ୍‌ସୋ ଜଜ ଅନୁପ ରଞ୍ଜନ ପଟ୍ଟନାୟକ ଏକ ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହିଞ୍ଜିଳିକାଟୁର ପରଦେଶୀ ବରାଡ଼ (୧୯)। ପରଦେଶୀ ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଯାଇଥିଲେ। ପରେ ପୀଡ଼ିତାଙ୍କୁ ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିଥିଲେ। କିଛି ମାସ ପୂର୍ବେ ଅଭିଯୁକ୍ତ ପରଦେଶୀ ପୀଡ଼ିତାଙ୍କ ସହ ତାଙ୍କ ବାପା ଘରକୁ ଆସିଥିଲା। ପରେ ତାଙ୍କୁ ତାଙ୍କ ବାପା ଘରେ ଛାଡ଼ି କୌଶଳକ୍ରମେ ସେ ସେଠାରୁ ଖସି ପଳାଇଥିଲେ। ପରେ ପୀଡ଼ିତା ଏନେଇ ପରଦେଶୀଙ୍କୁ ବାରମ୍ବାର ଫୋନ କରି ନିରାଶ ହୋଇଥିଲେ। ଶେଷରେ ପୀଡ଼ିତା ହିଞ୍ଜିଳିକାଟୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୪୨୪/୨୧ ରେ ଏକ ମାମଲା ରୁଜୁ କରିଥିଲା। ଅଗଷ୍ଟ ୨୬ରେ ପୋଲିସ ପରଦେଶୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ଜଣଙ୍କ ଏଯାବତ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରଧୀନ ବନ୍ଦୀ ଭାବେ ରହିଛନ୍ତି। ଗୁରୁବାର ତାଙ୍କୁ ଜାମିନ ମିଳିଛି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ଜୁନିୟର ବଲ ବ୍ୟାଡ଼୍‌ମିଣ୍ଟନ ଚାମ୍ପିୟନଶିପ୍

**ବ୍ରହ୍ମପୁର ଅଫିସ,୧୮।୧୧**

**ଟିମ୍‌ର ଜଗତ୍‌ସିଂହପୁର ଯାତ୍ରା**

ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ପକ୍ଷରୁ ୨୬ତମ ରାଜ୍ୟସ୍ତରୀୟ ଜୁନିୟର ବଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ(୧୯ ବର୍ଷରୁ କମ) ପ୍ରତିଯୋଗିତା ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଜିଲା ମଧୁପୁରଠାରେ ଆୟୋଜିତ ହେଉଛି। ଗୁରୁବାର ଜିଲା ବଲ ବ୍ୟାଡ୍‌ମିଣ୍ଟନ ସଂଘ ପକ୍ଷରୁ ବାଳିକା ଓ ବାଳକ ଟିମ୍ ଜଗତ୍‌ସିଂହପୁର ଅଭିମୁଖେ ଯାତ୍ରା କରିଛନ୍ତି। ୧୯ ବର୍ଷରୁ କମ ବାଳକ ଟିମ୍‌ରେ ୧୧ ଜଣ ପ୍ରତିନିଧି ଗଞ୍ଜାମ ଜିଲାକୁ ପ୍ରତିନିଧିତ୍ୱ କରିବେ। ସେହିପରି ବାଳିକା ବର୍ଗରେ ୧୧ ଜଣ ଦଳ ପକ୍ଷରୁ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ।

ଗଞ୍ଜାମ ଦଳ ସହ ବାଳିକା ଓ ବାଳକ ଦଳର କୋଚ ଭାବେ ଜ୍ୟୋତି ରାଣୀ ଦୋରା, ଏ.ଶିବା ରାଓ ଏବଂ ଟିମ୍ ମ୍ୟାନେଜର ଭାବେ ସନ୍ତୋଷୀ ଦୋରା ଓ ଆଶିଷ କୁମାର ସାହୁ ଜଗତ୍‌ସିଂହପୁର ଅଭିମୁଖେ ଯାତ୍ରା କରୁଛନ୍ତି। ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ପକ୍ଷରୁ ଜିଲା କ୍ରୀଡ଼ା ସମ୍ପାଦକ ଅଶୋକ ସାହୁଙ୍କ ସମେତ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ସଞ୍ଜୟ କୁମାର ବିଷୋୟୀ, ଉପସଭାପତି ଦୁଷ୍ମନ୍ତ ପାଢ଼ୀ, ଉପଦେଷ୍ଟା ସୁଜାତା ବିଷୋୟୀ ପ୍ରମୁଖ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୨ ପୋଲିସ ଅଧିକାରୀଙ୍କ କୋର୍ଟରେ ଆତ୍ମସମର୍ପଣ

**ବ୍ରହ୍ମପୁର ଅଫିସ,୧୮।୧୧**

ବ୍ରହ୍ମପୁର ପୋଲିସ ଜିଲା ମୁଖ୍ୟାଳୟରେ କାର୍ଯ୍ୟରତ ଦୁଇଜଣ ପୋଲିସ ଅଧିକାରୀ ଏକ ଜାତିଆଣ ମାମଲାରେ ଗୁରୁବାର ଜିଲା ଜଜ୍ କୋର୍ଟରେ ଆତ୍ମ ସମର୍ପଣ କରିଛନ୍ତି। ଉଭୟ ଅଧିକାରୀଙ୍କୁ ଜିଲା ଜଜ୍ ମଧ୍ୟବର୍ତ୍ତୀକାଳୀନ ଜାମିନ୍ ପ୍ରଦାନ କରିଛନ୍ତି। ସେମାନେ ହେଲେ ଏସ୍‌ପି ଅଫିସ୍ ପରିସରରେ ଥିବା ପୋଲିସ ବେତାର କାର୍ଯ୍ୟାଳୟର ଇନ୍‌ଚାର୍ଜ ଏସ୍‌ଆଇ ଗଣେଶ୍ୱର ସ୍ୱାଇଁ, ଅପରେଟର୍ ଏଏସ୍‌ଆଇ ଶ୍ରୀନିବାସ ଦଳେଇ। ବ୍ରହ୍ମପୁର ପୋଲିସ ବେତାର କାର୍ଯ୍ୟାଳୟର ତତ୍କାଳୀନ ସିଗ୍‌ନାଲ ଅପରେଟର୍ ଏଏସ୍‌ଆଇ ବିଜୟ ବଡ଼ସେଠ ୨୦୧୬ ମେ ୧୨ରେ ଜିଲା କୋର୍ଟରେ ଏକ ୱାନ୍‌ସିସି ମାମଲା ରୁଜୁ କରିଥିଲେ। ଏସ୍‌ଆଇ ସ୍ୱାଇଁ ଓ ଏଏସ୍‌ଆଇ ଦଳେଇ ତାଙ୍କୁ ଜାତିଆଣ ମନ୍ତବ୍ୟ ଦେଇ ନାନା ହଇରାଣ କରୁଥିବା ନେଇ ସେ ତାଙ୍କର ଅଭିଯୋଗରେ ଦର୍ଶାଇଥିଲେ। ଜିଲା ଜଜ୍ ୱାନସିସି ମାମଲା ନମ୍ବର– ୩/୧୬ ଗ୍ରହଣ କରିଥିଲେ। ସେପଟେ ଉଭୟ ଅଧିକାରୀ ହାଇକୋର୍ଟରେ ଆବେଦନ କରି ମାମଲାର ବିଚାରଣା ଉପରେ ରହିତାଦେଶ ଆଣିଥିଲେ। କିନ୍ତୁ ରହିତାଦେଶ ଉଠିବା ପରେ ହାଇକୋର୍ଟ ଉଭୟଙ୍କୁ ଜିଲା କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ୩ ସାକ୍ଷୀଙ୍କ ବୟାନ ରେକର୍ଡ଼

**ସାନଖେମୁଣ୍ଡି ବିଧାୟକଙ୍କ ବିରୋଧରେ ଦାଦାବଟି ମାମଲା**

**ବ୍ରହ୍ମପୁର ଅଫିସ,୧୮।୧୧**

ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ନାମରେ ରୁଜୁ ହୋଇଥିବା ଏକ ଦାଦାବଟି ମାମଲାରେ ସାକ୍ଷ୍ୟ ଗ୍ରହଣ ପାଇଁ ଗୁରୁବାର ଦିନ ଧାର୍ଯ୍ୟ କରାଯାଇଥିଲା। ସେ ନେଇ ୩ଜଣ ସାକ୍ଷୀ ଗୁରୁବାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅନୁସମ ଦାଶଙ୍କ କୋର୍ଟରେ ହାଜର ହୋଇ ସାକ୍ଷ୍ୟ ଦେଇଥିବା କ୍ୟାଡର୍ ଏପିପି ସୋନାଲି ରାଇସା କହିଛନ୍ତି। ସେମାନେ ହେଲେ ଗେଟବଜାର ଓଆରଟି କଲୋନୀର ସନ୍ତୋଷ ଜେନା, ସୁନୀଲ ପାଢ଼ୀ, ଲୋଚାପଡ଼ାର ଧ୍ରୁବ କୁମାର ନାୟକ। ସମସ୍ତେ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କୋର୍ଟରେ କହିଥିଲେ। ୨୦୧୬ରେ ବିଧାୟକ ରମେଶଙ୍କ ନାମରେ ୧୦ଲକ୍ଷ ଟଙ୍କା ଦାଦାବଟି ନେଇ ଜୟଦୁର୍ଗା ବିଲଡର ସନାତନ ଜେନା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ କ୍ରମେ ପୋଲିସ ନମ୍ବର ୮୭/୧୬ରେ ମାମଲା ରୁଜୁ କରିଥିଲା। ଗୁରୁବାର ଏହି ମାମଲାରେ ସାକ୍ଷ୍ୟ ଗ୍ରହଣ ଥିଲା।

## ବିଜୁ ପାଠାଗାର, ସଭାଗୃହ ଉଦ୍‌ଘାଟିତ

**ବୁଗୁଡା,୧୮।୧୧(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଜୁ ପାଠାଗାର ଓ ସଭାଗୃହ ସ୍ଥାନୀୟ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ମାମି ସେନାପତି, ଉପାଧ୍ୟକ୍ଷ ଗୁକୁନା ସ୍ୱାଇଁ, ଜିଲା ପରିଷଦ ସଦସ୍ୟା ଭୁବନେଶ୍ୱରୀ ଖଟେଇ, ସରପଞ୍ଚ ଶାନ୍ତିଲତା ନାୟକ, ନାଏବ ସରପଞ୍ଚ କାଳୁ ଚରଣ ପ୍ରଧାନ, ସମିତିସଭ୍ୟା ସୁଜାତା କୁମାରୀ ପ୍ରଧାନ, ବିଧାୟକ ପ୍ରତିନିଧି କେ.ତ୍ରିଲୋଚନ ଦୋରା ପ୍ରମୁଖ ଯୋଗ ଦେଇଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**କବିସୂର୍ଯ୍ୟନଗର,୧୮।୧୧(ଡି.ଏନ.ଏ.)**

କବିସୂର୍ଯ୍ୟନଗର କଲ୍ୟାଣ ମଣ୍ଡପ ଠାରେ ପ୍ରାକ୍ତନ ଆସିକା ଏମ୍‌ପି ଓ କବିସୂର୍ଯ୍ୟନଗର ବିଧାୟକ ନିତ୍ୟାନନ୍ଦ ପ୍ରଧାନଙ୍କ ୭୭ ତମ ଜନ୍ମଦିନ ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଏହାକୁ ଉଦ୍‌ଘାଟନ କରିଥିବା ବେଳେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ବିଡ଼ିଓ ବାସୁଦେବ ନାୟକ, ତହସିଲଦାର ମନୋଲିସା ଆଚାରୀ, ଆଇଆଇସି ପ୍ରଭାତ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ ଉପସ୍ଥିତ ଥିଲେ। ଶ୍ରେଷ୍ଠ ସମାଜସେବୀ ୨୦୨୧–୨୨ ସମ୍ମାନରେ ସ୍ଥାନୀୟ ବିଧାୟିକା ଲତିକା, ଏମପି ପ୍ରମିଳା ବିଷୋୟୀ, ମନୋରଞ୍ଜନ ମହାପାତ୍ର, ସାମ୍ବାଦିକ କୃପାସିନ୍ଧୁ ସ୍ୱାଇଁ, ରସଲ ଦାସ, ବିକ୍ରାନ୍ତ ସାହୁ ପ୍ରମୁଖଙ୍କୁ ଡ଼ା. ଏ. ନାରାୟଣ ଆଚାରୀ ଓ କର୍ମକର୍ତ୍ତା ସମ୍ବର୍ଦ୍ଧିତ କରିଥିଲେ।

# ଚାଷୀଙ୍କୁ ସହାୟତା ପାଇଁ ଭାଜପାର ଦାବିପତ୍ର

**ଶେରଗଡ,୧୮।୧୧(ଡି.ଏନ.ଏ.)**

ଶେରଗଡ ବ୍ଲକରେ ଲଗାଣ ବର୍ଷାରେ ବ୍ୟାପକ ଫସଲ କ୍ଷତି ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ପୂର୍ବତନ ରାଜ୍ୟ ଉପସଭାପତି ଦେବାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ୭ ଜଣିଆ ପ୍ରତିନିଧି ଦଳ ତହସିଲଦାର ଡ.ଦୟାସିନ୍ଧୁ ପରିଡାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସହାୟତା ପ୍ରଦାନରେ ବିଳମ୍ବ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଭାଜପା ଚେତାବନୀ ଦେଇଛି। ପ୍ରତିନିଧି ଦଳରେ ଶେରଗଡ ମଣ୍ଡଳ ଭାଜପା ସଭାପତି ରାମଚନ୍ଦ୍ର ପାତ୍ର,ଧବଳପୁର ମଣ୍ଡଳ ସଭାପତି ପଞ୍ଚାନନ ଡାକୁଆ, କାର୍ଯ୍ୟକାରୀଣି ସଦସ୍ୟ ବିକାଶ ଆଚାର୍ଯ୍ୟ, ଯୁବ ମୋର୍ଚ୍ଚା ସଭାପତି ସୁଶାନ୍ତ ସେଠୀ ପ୍ରମୁଖ ସାମିଲ ଥିଲେ।


ଦାବିପତ୍ର ପ୍ରଦାନ କରାଯାଉଛି।

# ଆଉଟସୋର୍ସିଂ କର୍ମଚାରୀ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ

**ବ୍ରହ୍ମପୁର ଅଫିସ୍,୧୮।୧୧**

ଏମ୍‌କେସିଜି ମେଡିକାଲ କଲେଜ ହସ୍ପିଟାଲରେ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ଆଉଟସୋର୍ସିଂ କର୍ମଚାରୀ ସଂଘ ଗୁରୁବାର ନିଷ୍ପତ୍ତି ନେଇଛି। ଦୀର୍ଘ ବର୍ଷ ଧରି ମେଡିକାଲ ଟିକଟ କାଉଣ୍ଟରରେ କାର୍ଯ୍ୟରତ ଡାଟାଏଣ୍ଟ୍ରି ଅପରେଟରଙ୍କ ଦରମା ନ ବଢିବା, ଇପିଏଫ୍ ଓ ଇଏସ୍‌ଆଇ ଟଙ୍କା ବାବଦରେ ବାରମ୍ବାର ଜଣାଇବା ସତ୍ତ୍ୱେ ସମ୍ପୃକ୍ତ ଏଜେନ୍ସି ଜମା ନ କରିବା ସମ୍ପର୍କରେ କର୍ମଚାରୀ ସଂଘ ପକ୍ଷରୁ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅବଗତ କରାଯାଇଥିଲା। ମେଡିକାଲ କର୍ତ୍ତୃପକ୍ଷ କର୍ମଚାରୀଙ୍କ ଏହି ନ୍ୟାୟ ସମ୍ମତ ଦାବିକୁ ବେଖାତିର କରିବା ପ୍ରତିବାଦରେ ବୁଧବାରରୁ କର୍ମଚାରୀମାନେ ଦୁଇ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ। ମେଡିକାଲ କର୍ତ୍ତୃପକ୍ଷ କର୍ମଚାରୀଙ୍କ ଉପରୋକ୍ତ ଦାବିର ସମାଧାନ ପରିବର୍ତ୍ତେ ସେମାନଙ୍କୁ ଧମକ ଚମକ ଦେବା ପରେ ଗୁରୁବାର କର୍ମଚାରୀଙ୍କ ପକ୍ଷରୁ ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଆରଡିସି କର୍ମଚାରୀଙ୍କ ଦାବିକୁ ଶୁଣିବା ପରେ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ କର୍ମଚାରୀ ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନ ସ୍ଥଗିତ ରଖିଥିବା ଜଣାପଡିଛି। ମେଡିକାଲରେ କାର୍ଯ୍ୟରତ ଆଉଟସୋର୍ସିଂ ଆଟେଣ୍ଡାଣ୍ଟଙ୍କ ସମସ୍ୟାର ସମାଧାନ ପାଇଁ ନିଯୁକ୍ତିଦାତା ଏଜେନ୍ସି ଅଭିରାମ କେର୍‌ଟେକର ପରିଚାଳନା ନିର୍ଦ୍ଦେଶକ ଗୁରୁବାର ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ତୁରନ୍ତ କର୍ମଚାରୀମାନଙ୍କ ବକେୟା ଦରମା ସମେତ ଇପିଏଫ୍ ଓ ଇଏସଆଇ ବାବଦରେ ସମସ୍ତ ବକେୟା ରାଶି ପୈଠ କରିବାକୁ ରାଜି ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି। ତେବେ ଛଟେଇ ୭ ଜଣ ଫାର୍ମାସିଷ୍ଟଙ୍କ ପୁନଃ ନିଯୁକ୍ତି ଓ ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କ ଚାକିରି ନିରାପତ୍ତା ପରି ଅନ୍ୟ ଦାବୀ ଗୁଡିକ ସରକାର ପୂରଣ ନ କରିବା ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ କଳାବ୍ୟାଜ ପିନ୍ଧି ଆନ୍ଦୋଳନ ଜାରି ରଖିବାକୁ ସଂଘ ପକ୍ଷରୁ କୁହାଯାଇଛି।

